# Agro Advisory KVK Kandhamal

**ରୁଆ ଧାନ:** (୨୦୨୫ ମସିହା ଅଗଷ୍ଟ ମାସ ଦ୍ବିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା)

- ଅଗଷ୍ଟ ମାସ ଦ୍ବିତୀୟ ପକ୍ଷ ଶେଷ ସୁଦ୍ଧା ତଳି ରୁଆ ଶେଷ କରି ଦିଅନ୍ତୁ ।
- ମଧ୍ୟମ ଓ ବିଳମ୍ବ କିସମ ପାଇଁ ଏକର ପିଛା ( ୪ କେ.ଜି. ୟୁରିଆ + ୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓତ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ସଅଳ କିସମ ପାଇଁ ଏକର ପିଛା (୨୧ କି.ଗ୍ରା. ୟୁରିଆ + ୩୫ କି.ଗ୍ରା. ଡି.ଏ.ପି.+ ୨୭ କି.ଗ୍ରା. ଏମ୍.ଓ.ପି.) କିମ୍ବା ୨୭ କି.ଗ୍ରା. ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି.) + ୨୭ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କରଜାତୀୟ ଧାନ କିସମ ପାଇଁ (୩୨ କି.ଗ୍ରା. ୟୁରିଆ+୫୩ କି.ଗ୍ରା. ଡି.ଏ.ପି. + ୪୦ କି.ଗ୍ରା. ଏମ୍.ଓ.ପି.) କିମ୍ବା (୫୨ କି.ଗ୍ରା. ୟୁରିଆ + ୧୫୦ କି.ଗ୍ରା. ଏସ୍.ଏସ୍.ପି. + ୪୦ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ଶେଷ ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୪ କି.ଗ୍ରା. ଶେଷ ଓଡ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୃଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ବିଳସରେ ଧାନ ତଳି ରୋଇବାର ଥିଲେ ଋଷୀଭାଇମାନେ କମ୍ ଦିନିଆ ମଧ୍ୟମ କିସମର ୨୫ ରୁ ୩୦ ଦିନିଆ ତଳି କିମ୍ବା ଅଧିକ ଦିନିଆ କିସମର ୪୫ ରୁ ୫୦ ଦିନିଆ ତଳି ରୋଇପାରିବେ । ଅଧିକ ଦିନିଆ ତଳିକୁ ୧୫ ଢ ୧୫ ସେ.ମି. ବ୍ୟବଧାନରେ ୪ ରୁ ୫ ଟି ତଳି ଅଳ୍ପ ଗଭୀରରେ ରୋଇବା ଉଚିତ୍।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାଇରିବାକ୍ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ୯୦୦ ମି.ଲି. ପେନୋକ୍ସୁଲମ୍ + ସାଇହାଲୋଫପ୍ ବ୍ୟୁଟାଇଲ (ଭିଭାୟ) କିମ୍ବା ଏକର ପିଛା ୨୪୦ ଗ୍ରାମ୍ ଫେନୋକ୍ସାପ୍ରୋ-ପି-ଇଥାଇଲ + ୫୦ ଗ୍ରାମ୍ ଇଥୋକ୍ସିସଲଫ୍ୟୁରାନ୍ (ରାଇସ୍‌ଷ୍ଟାର + ସନ୍‌ରାଇଜ୍) ଧାନ ବୁଣିବାର ୧୫ ରୁ ୨୦ ଦିନରେ ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି NSKE (ଆଜାଡିରାକ୍ଟିନ୍ ୦.୧୫%) ୮୦୦ ମି.ଲି. ଏକର ପ୍ରତି ଏକ ଲିଟର କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।
- ଯେଉଁ ଅଂଚଳରେ ମାଟିଆଗୁଣ୍ଡି ପୋକର ପ୍ରାଦୁର୍ଭାବର ସମ୍ଭାବନା ଅଧିକ ଥାଏ, ସେଠାରେ ୮-୧୦ ଟି ଧାଡି ଧାନ ରୋଇବା ପରେ ଏକ ଧାର୍ଡ ବ୍ୟବଧାନ ଛାଡି ପୁଣି ଭୁଅନ୍ତୁ ।

- କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଂଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡା ଏକର ପ୍ରତି ୨୦,୦୦୦ (ଅର୍ଥାତ୍ ୧-୨ଟି ଟ୍ରାଇକୋ କାର୍ଡ) ୪-୫ ଥର ବ୍ୟବହାର କରନ୍ତୁ ।
- କାଣ୍ଡବିନ୍ଧା ପୋକ ଓ ପତ୍ରମୋଡା ପୋକର ଦମନ ପାଇଁ ଏକର ପିଛା ଗୋଟିଏ ଲାଇଟଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।
- ଧାନ ଫସଲରେ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନ୍‌ଟ୍ରାନିପ୍ରୋଲ ୧୮.୫% ଏସ୍.ସି. କିଭା ୧୦୦ ରୁ ୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ଗ୍ରାମ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଅନ୍ୟ ପୁରୁଣା ଗଛରୁ ପିଲ ବାହାରକରି ଶୂନ୍ୟସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗ ମିଟର ପିଛା ୩୩ ଟି ବୁଦା ରହିବ ।
- ଯେଉଁ ଜମିରେ ଦସ୍ତା ପରିମାଣ କମ୍ ଥିବ, ଏକ ଏକର ପିଛା ଜିଙ୍କ୍ ଇ.ଡି.ଟି.ଏ ୧ ଲିଟର ପାଣିରେ ଅଧା ଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ଦୁଇ ଥର ସିଂଚନ କରନ୍ତୁ କିମ୍ବା ଜିଙ୍କ୍ ସଲଫେଟ୍ ୦.୫% (ଅର୍ଥାତ୍ ଏକର ପାଇଁ ୨ କି.ଗ୍ରା. ଜିଙ୍କ୍ ସଲଫେଟ୍ ସହିତ ୧୦ କି.ଗ୍ରା. ଚୁନକୁ ୪୦୦ ଲିଟର ପାଣିରେ ପ୍ରସ୍ତୁତ ଦ୍ରବଣ) ୧୫ ଦିନ ବ୍ୟବଧାନରେ ତିନି ଥର ସିଂଚନ କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦମନ କରିବା ପାଇଁ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି. ୦.୪ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ ୭୫% ୧ ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ ୫୦% ୨ ମି.ଲି. କିମ୍ବା ଭାଲିଡାମାଇସିନ୍ ୩ ଏଲ ୨ ମି.ଲି. ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ। ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ।
- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖା ଦେଲେ ୧ ଲିଟର ପାଣିରେ କପର ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ସହିତ ପ୍ଲାଟୋମାଇସିନ୍ ୧ ଗ୍ରାମ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ।
- ମହିଷା ରୋଗ ଦେଖା ଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲେକ୍ସିଷ୍ଟ୍ରୋବିନ ୨୫% (ନାଟିଭୋ ୭୫% ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨ ଗ୍ରାମ ହିସାବରେ ସିଂଚନ କରନ୍ତୁ ।
- ନତୁବା ଏକ ଲିଟର ପାଣିରେ ସତେଜ ବେଲ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଂଚନ କରନ୍ତୁ ।